# ୮ ଦଫା ଦାବି ନେଇ ଉପଜିଲ୍ଲାପାଳଙ୍କୁ କିସାନ କଂଗ୍ରେସର ଦାବିପତ୍ର




କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହରରେ ବିକ୍ଷୋଭ ଶୋଭାଯାତ୍ରା କରିବା ସହ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଛି ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି । କାମାକ୍ଷାନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା କିସାନ କଂଗ୍ରେସ ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ଶୋଭାଯାତ୍ରାରେ ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ । ସହର ଉପକଣ୍ଠ ଜିରିଡାମାଳି ଠାରୁ ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ସେଠାରେ ଚାଷୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ମନୋଭାବକୁ ତୀବ୍ର ଭର୍ସନା କରାଯିବା ସହ ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଇଥିଲା । ଚଳିତ ଧାନ ଅମଳ ପୂର୍ବରୁ ଅଦିନିଆ ବର୍ଷା ଫଳରେ ଧାନ ଚାଷ ନଷ୍ଟ ହୋଇଥିବା ବେଳେ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ, ପନିପରିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ , ଚାଷୀମାନଙ୍କ ପାଇଁ କୃଷି ଋଣ ଛାଡ, ଏଫଏକ୍ୟୁ ବନ୍ଦ କରି ଧାନମଣ୍ଡିରେ ଧାନ ନେବା ଓ ୫୦ ବର୍ଷରୁ ଉର୍ଦ୍ଧ ବୟସ୍କ ଲୋକଙ୍କୁ ଅନ୍ୟୁନ ୫୦୦୦ ଟଙ୍କା ଭତ୍ତା ଆକାରରେ ପ୍ରଦାନ କରିବା ଇତ୍ୟାଦି ଦାବୀ କରାଯାଇଥିଲା । ଏହି ବିକ୍ଷୋଭ ଶୋଭାଯାତ୍ରାରେ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ଦାଶ, ବରିଷ୍ଠ ନେତା ପ୍ରଭୁଦତ୍ତ ଭଞ୍ଜ, କାମାକ୍ଷାପ୍ରସାଦ ପଣ୍ଡା, ସଂଜୀବ ବେହେରାଙ୍କ ସମେତ ଅନେକ ଦଳୀୟ କର୍ମୀ ଓ ସାଧାରଣ ଲୋକ ଯୋଗ ଦେଇଥିଲେ । ଆଗାମୀ ଦିନରେ ଯଦି ସରକାର ଏହି ଦାବୀଗୁଡିକ ପୂରଣ ନକରନ୍ତି ତେବେ ରାଜରାସ୍ତାକୁ ଅବରୋଧ କରାଯିବା ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଜୋରଦାର ବିକ୍ଷୋଭ କରାଯିବା ନେଇ କୁହାଯାଇଛି ।

# ଖମାରକୁ ବ୍ଲକର ମାନ୍ୟତା ଦାବି ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର

ଖମାର, (ସବ୍ୟୁ): ପାଲଲହଡା ବ୍ଲକ ଖମାର ଅଞ୍ଚଳର ୧୨ଟି ପଂଚାୟତକୁ ବ୍ଲକର ମାନ୍ୟତା ଦେବା ପାଇଁ ଆଜି ପାଲଲହଡା ଠାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଖମାର ଅଂଚଳର ନାଗରିକ ମଞ୍ଚ, ସାମ୍ବାଦିକ ସଙ୍ଘ, ପଞ୍ଚାୟତର ସରପଞ୍ଚଙ୍କ ସମେତ ଜନସାଧାରଣ ଲିଖିତ ଦାବି ପତ୍ର ଦେଇଥିଲେ। ପାଲଲହଡା ବ୍ଲକର ୨୭ଟି ପଞ୍ଚାୟତ ମଧ୍ୟରୁ ଖମାର ଅଞ୍ଚଳର ୧୨ଟି ପଞ୍ଚାୟତ ବଡ଼ଦେଶ ଭାବରେ ସମୃଦ୍ଧ ଓ ଜଣାଶୁଣା। ଉକ୍ତ ୧୨ଟି ପଞ୍ଚାୟତର ଜନ ସଂଖ୍ୟା ରେଙ୍ଗାଳି ବହୁମୁଖୀ ଜଳ ସେଚନ ଯୋଜନା ଦ୍ୱାରା ବିସ୍ଥାପିତ ଅଧିବାସୀଙ୍କ ଯୋଗୁଁ ଅନ୍ୟ ୧୫ଟି ପଞ୍ଚାୟତ ଗୁଡିକ ଠାରୁ ଅଧିକ ଜନ ବହୁଳ ଅଟେ। ଏହା ବ୍ୟତୀତ ପାଲଲହଡା ଉପଖଣ୍ଡ ସଦର ମହକୁମା ଠାରୁ ଖମାର ଅନ୍ତର୍ଗତ ରୋହିଲା, ଆଲୁରୀ, ଏବଂ ରଜଡ଼ଙ୍ଗ ପଞ୍ଚାୟତ ମାନଙ୍କର ଦୂରତା ପ୍ରାୟ ୬୦ କିମିରୁ ଉର୍ଦ୍ଧ ହବା ପ୍ରଶାସନିକ କାର୍ଯ୍ୟ ନିମନ୍ତେ ଏହି ତିନି ପଞ୍ଚାୟତର ଜନସାଧାରଣ ଦୂରତ୍ୱ ଓ ଯାନବାହାନ ହେତୁ ସଦର ମହକୁମାରେ ପହଂଚିବା ଓ କାର୍ଯ୍ୟ କରିବା ଏକ ସମସ୍ୟା ହୋଇଥାଏ । ଅନ୍ୟ ପକ୍ଷରେ ପାଲଲହଡା ଏକ ଉପଖଣ୍ଡ ଓ ଏକ ବ୍ଲକ ହୋଇଥିବାରୁ ସ୍ୱାଧୀନତାର ୭୮ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଖମାର ଅଞ୍ଚଳ ପାଇଁ ଅପହଞ୍ଚ ହୋଇ ରହିଯାଇଛି। ଏହାସହିତ ଖମାର ଅଂଚଳର ୧୨ଟି ପଞ୍ଚାୟତର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଉପରୋକ୍ତ କାରଣ ଯୋଗୁଁ ଅବହେଳିତ ଅବସ୍ଥାରେ ରହିଅଛିଛ ଖମାର ଅଂଚଳର ଅନେକ ସମସ୍ୟା ଯୋଗୁଁ ଅଂଚଳକୁ ବ୍ଲକର ମାନ୍ୟତା ଦିଆଯାଉ ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ଲିଖିତ ଦାବିପତ୍ର ଦିଆଯାଇ ଥିବା ଖମାର ନାଗରିକ ମଞ୍ଚ ସଭାପତି ନରେନ୍ଦ୍ର କୁମାର ପ୍ରଧାନ, ଆବାହକ ପ୍ରସନ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସରୋଜ ସାହୁ, ଖେମଳା ସରପଞ୍ଚ ଦେବରାଜ ସାହୁ, ପରାଛାଟ ପୂର୍ବତନ ସରପଞ୍ଚ ରଞ୍ଜନ ଘଟୁଆରଙ୍କ ସମେତ ଅଞ୍ଚଳର ଅନ୍ୟ ଜନସାଧାରଣ ଉପସ୍ଥିତ ଥିଲେ। ଉକ୍ତ ଜନ ଶୁଣାଣି ଶିବିରରେ, ପାଲଲହଡା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ପାଲଲହଡା ବିଡ଼ିଓ ନିଶାନ୍ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର, ଏସଡିପିଓ ସୁଶାନ୍ତ କୁମାର ତାଉଡ଼ିଆଙ୍କ ସହିତ ଉପଖଣ୍ଡର ଅନ୍ୟ ପ୍ରଶାସନିକ ଅଧିକାରୀ ଗଣ ଉପସ୍ଥିତ ରହିଥିଲେ ।

# ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ସାଧାରଣ ସଭା

ଅନୁଗୋଳ, (ସବ୍ୟୁ): ସଂଘର କାର୍ଯ୍ୟକାରିଣୀ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଆହ୍ୱାନରେ ଚଣ୍ଡିଖମଣ, ଅନୁଗୋଳ ଶିବ ମନ୍ଦିର ପାର୍ଶ୍ୱ ଆମ କୋଟା ଠାରେ ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସଂଘର ବରିଷ୍ଠ ସଦସ୍ୟ ସୁବୋଧ କୁମାର ସିଂ ଓ ସରୋଜ କୁମାର ରାଉଳଙ୍କୁ ସଭାକାର୍ଯ୍ୟ ପରିଚାଳନା ନିମନ୍ତେ ଦାୟିତ୍ୱ ଆଗଲା। ସୁବୋଧ କୁମାର ସିଂ ସଭାକାର୍ଯ୍ୟ ପରିଚାଳନା କରି ସମସ୍ତ ସଦସ୍ୟମାନଙ୍କୁ ଅଭିବାଦନ ଜଣାଇ ତାଙ୍କର ବ୍ୟକ୍ତବ୍ୟ ରଖିଥିଲେ। ପ୍ରଥମେ ସଂଘର ୩ ଜଣ ସଦସ୍ୟ ବାକି ବେହେରା, ଅରୁଣ କୁମାର ପ୍ରଧାନ ଓ ସନାତନ ସାହୁ ସୂର୍ଯ୍ୟରୋପଣ କରିଥିବାରୁ ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ସୁବୋଧ କୁମାର ସିଂ ପୂର୍ବ ସାଧାରଣ ସଭାର ବିବରଣୀ ପାଠ କରିବା ସହିତ ଆଜିର ଏ ସାଧାରଣ ସଭାର ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇ କରିଥିଲେ ଯେ, ଯେହେତୁ ସଂଘର ସମସ୍ତ ପୁରାତନ କର୍ମକର୍ତ୍ତା ଗଜ ତା. ୦୨.୧୦.୨୦୨୪ ରିଖ ଅବ୍ୟାହତି ନେଇସାରିଛନ୍ତି, ସେଥିପାଇଁ ଆମେ ଆଜି ନୂତନ କର୍ମକର୍ତ୍ତା ନିର୍ବାଚନ ନକରି ସହମତି ଦାୟିତ୍ୱ ଦେଇ ସଂଘ କିଭଳି ଆଗାମୀ ଦିନରେ ଇତରେ ଚୟନ ପ୍ରକିୟା ଦ୍ୱାରା କର୍ମକର୍ତ୍ତା ବାଛିବା ଏବଂ ସେମାନଙ୍କ ହାତରେ ଅଧିକ ମଜବୁତ୍ ହେବ ସେଥିପାଇଁ ଚେଷ୍ଟା କରିବା। ତାଙ୍କ କଥାକୁ ଉପସ୍ଥିତ ସମସ୍ତ ସଦସ୍ୟବୃନ୍ଦ ସ୍ୱାଗତଯୋଗ୍ୟ କହି କରତାଳି ଦେଇ ସମର୍ଥନ କରିଥିଲେ । ଉକ୍ତ ଚୟନ ପ୍ରକ୍ରିୟାରେ ସଂଘର ନୂତନ କର୍ମକର୍ତ୍ତା ଭାବେ – ସଂଘର ସଭାପତି ସୁନୀଲ କମାର ପ୍ରଧାନ, ସାଧାରଣ ସମ୍ପାଦକ ସୁବୋଧ କୁମାର ମହାପାତ୍ର, ଉପ–ସଭାପତି ମାନସ ରଞ୍ଜନ ଗଡ଼ନାୟକ, ଅଜିତ ପ୍ରସାଦ ଦ୍ୱିବେଦୀ, ରାମ ଚନ୍ଦ୍ର ଜେନା, ବିମଳ ଚନ୍ଦ୍ର ବେହେରା, ସହ–ସ–ଦଳ ସନ୍ଦିପ କୁମାର ନାଥ, ଅଶୋକ କୁମାର ସାହୁ, କୋଷାଧକ୍ଷ ଲଳିତ ମୋହନ ପାଲଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇ ବଛାଯାଇଥିଲା । ସଂଘର ନୂତନ ସଭାପତି ଓ ସାଧାରଣ ସମ୍ପାଦକ ତାଙ୍କର ବକ୍ତବ୍ୟ ରଖି ଆଗାମୀ ଦିନରେ ସଂଘ କିଭଳି ଅଧିକ ସଂଗଠିତ ହୋଇ କାର୍ଯ୍ୟକରିବ କହିଥିଲେ ଓ ଏଥି ନିମନ୍ତେ ସମସ୍ତଙ୍କ ସହଯୋଗ ମଧ୍ୟ କାମନା କରିଥିଲେ । ଶେଷରେ ନୂତନ ସଭାପତି ସୁନୀଲ କୁମାର ପ୍ରଧାନ ଧନ୍ୟବାଦ୍ ଦେଇଥିଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ



ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଶିଶୁର ଅନ୍ତର୍ନିହିତ ଗୁଣର ବିକାଶ କରିଥିବା ବେଳେ ଛାତ୍ରଛାତ୍ରୀମାନେ ସମାଜରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସଭାପତି ଯଦୁମଣି ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ମାତୃଭବନ କଟକର ଇଂ. ସୁବାଷ ଚନ୍ଦ୍ର କର ଯୋଗଦେଇ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ୍ୟାକେନ୍ଦ୍ର ଶିଶୁକୁ ପୂର୍ଣ୍ଣାଙ୍ଗ ଶିକ୍ଷ୍ୟା ପ୍ରଦାନ କରିବା ସହ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସମାଜ ସେବାରେ ନିୟୋଜିତ ହେବାକୁ ଶିକ୍ଷ୍ୟା ପ୍ରଦାନ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରେଙ୍ଗାଳି ବନ୍ଧ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ. ସୂରଜ କୁମାର ପାତ୍ର ଯୋଗଦେଇ ଡାକ୍ତର ଏପିଜେ ଅବ୍ଦୁଲ କଲାମଙ୍କର ଛାତ୍ର ଜୀବନରେ କଠିନ ଓ ତରଳ ପଦ୍ଧତିକୁ ବ୍ୟବହାର କରି ସେ ତାଙ୍କର ଅଧବସାୟ ବଳରେ ଦିନେ ଦୂରଗାମୀ କ୍ଷେପଣାସ୍ତ୍ର ତିଆରି ପାରିଥିବା ଉଦାହରଣକୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସୁନ୍ଦର ଭାବରେ ବୁଝାଇଥିଲେ। ଓଏଚପିସିର ୟୁନିଟ ମୁଖ୍ୟ ସରୋଜ କୁମାର ବହିଦାର ମଧ୍ୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଅପା ସୁଶ୍ରୀ ସ୍ନିଗ୍ଧା ଲୋପାମୁଦ୍ରାଙ୍କ ଦ୍ୱାରା ଦୁର୍ଗା ସ୍ତୋତ୍ର ପାଠ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ଅଶୋକ ଗଡନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ତାରାକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସରୋଜ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ମହୁମାଛିଙ୍କ ଆକ୍ରମଣରେ ଦୁଇ ଶିକ୍ଷକ ଆହତ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କନ୍ଦରସିଂହା ଗୋପୀନାଥ ଜୀୟୁ ଉଚ୍ଚ ବିଦ୍ୟାଳୟରେ ମହୁମାଛିଙ୍କ ଦୌରାତ୍ମ୍ୟ ଦେକିବାକୁ ମିଳିଛି । ଏଥିରେ ବିଦ୍ୟାଳୟର ୨ ଜଣ ଶିକ୍ଷକ ଆହତ ହୋଇଛନ୍ତି । ଏହି ବିଦ୍ୟାଳୟର କଳା ବିଭାଗର ଅନ୍ତର୍ଯ୍ୟାମୀ ବେହେରା ଶିକ୍ଷକତା କରୁଥିବା ବେଳେ ଗତ ସପ୍ତାହରେ ମହୁମାଛି ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହୋଇ ସୁସ୍ଥ ଅବସ୍ଥାରେ ଥିବା ବେଳେ ସୋମବାର ଦିନ ଅପରାହ୍ନ ସମୟରେ ଗଣିତ ବିଭାଗର ଶିକ୍ଷକ ଗିରିଶ ଚନ୍ଦ୍ର ପ୍ରଧାନ ମହୁମାଛି ଆକ୍ରମଣର ଶିକାର ହୋଇ ଆହତ ହୋଇଥିବା ଜଣାପଡିଛି । ଶ୍ରୀ ପ୍ରଧାନଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଓ ଅନ୍ୟ ଶିକ୍ଷକମାନଙ୍କ ସହଯୋଗରେ ଚିକିତ୍ସିତ ହୋଇଛନ୍ତି । ଏଥିପ୍ରତି ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ପରଜଙ୍ଗ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ଥର ସ୍ଥାପନ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବଡଝରା ଗ୍ରାମ ଠାରୁ ବରିହାପୁର ଗ୍ରାମ ଜାତୀୟ ରାଜପଥ ୫୩ ଠାରୁ ଜଡାପାଳ ଗ୍ରାମ କେନାଲ ରାସ୍ତା ଭିତ୍ତି ପ୍ରସ୍ତର ସ୍ଥାପନ କଲେ ପରଜଙ୍ଗ ବିଧାୟକ । ପଥରଖମ୍ବ ଗ୍ରାମ ଛକ ନିକଟରେ ଥିବା କେନାଲ ରାସ୍ତାକୁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ତରଫରୁ ହେଉଥିବା ରାସ୍ତାକୁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କଲେ ପରଜଙ୍ଗ ବିଧାୟକ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଦାନ ଯୋଗଦାନ କରିଥିବା ବେଳେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ବ୍ଲକ ଉପାଧକ୍ଷା ଯଶସ୍ୱିନୀ ରାଉତ, ପରଜଙ୍ଗ ମଣ୍ଡଳର ସଭାପତି ବାପୁନ କୁମାର ସାହୁ ଏବଂ ଅନ୍ୟ ଅଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଯୋଗଦାନ କରିଥିଲେ । ଏହି ରାସ୍ତାଟି ୧୯.୫ କିଲୋମିଟର ଓ ଏଥିରେ ୩୩ କୋଟି ବ୍ୟୟ କରାଯାଇଛି । ଏହି ପିଡବ୍ଲ୍ୟୁଟି ରାସ୍ତା ଗଠନ କରାଯିବବୋଲି ବିଧାୟକ କହିଛନ୍ତି ।

# ଓସ୍କାପାଲି ପଞ୍ଚାୟତରେ ଜଣଶୁଣାଣି

ଠାକୁରଗଡ଼, (ସବ୍ୟୁ): କିଶୋରନଗର ବ୍ଲକ ଓସ୍କାପାଲି ପଞ୍ଚାୟତ ସଭା ଗୃହ ପରିସରରେ ସୋମବାର ଦିନ ବ୍ଲକ ପ୍ରଶାସନ ପକ୍ଷରୁ ଜଣଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋରନଗରର ବିଡିଓ ବିନୋଦ ବିହାରୀ ବେହେରା, ଜିପିଓ ସତ୍ୟପ୍ରିୟ ସାହୁ, ସରପଞ୍ଚ ବିଜୟନି ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବିଭିନ୍ନ ଅଞ୍ଚଳରୁ ମହିଳା, ପୁରୁଷ ମାନେ ଯୋଗଦେଇ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗ ଗୁଡିକ ଶୀଘ୍ର ସମାଧାନ କରିବା ପାଇଁ ବିଡିଓ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଭେଜାଲ ପୂଜା ସାମଗ୍ରୀ ବିକି, ଅସାଧୁ ବ୍ୟବସାୟୀ ମାଲାମାଲ

ତାଳଚେର, (ସବ୍ୟୁ): କଳାହୀରା ତାଳଚେର ସହରରେ ଛତୁ ପଫୁଟିଲା ଭଳି ମାଳମାଳ ପୂଜାସାମଗ୍ରୀ ଦୋକାନ ଗଢି ଉଠିଛି । ଏହି ପୂଜାସାମଗ୍ରୀ ଦୋକାନ ଗୁଡ଼ିକରେ ଏବେ ନାମୀଦାମୀ ବ୍ରାଣ୍ଡ ଲଗାଇ ଭେଜାଲ ଧୂପକାଠି, ଘିଅ, ଝୁଣା, କର୍ପୁର, ଭାଷର, ସିନ୍ଦୁର, କଜଳ, ଚନ୍ଦନ ଓ ହୋମକାଠ ଇତ୍ୟାଦି ଯାହାକି ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ସେଗୁଡ଼ିକ ପୂଜାସାମଗ୍ରୀ ବିକି ଦୋକାନୀମାନେ ଅଳ୍ପ ଖର୍ଚ୍ଚରେ ଅଧିକ ମାଲ କମାଉଥିବା ଅଭିଯୋଗ ହେଉଛି । ପୁରୋହିତ ଜାଗଯଜ୍ଞରେ ବ୍ୟବହୃତ ଘିଅ ନିମ୍ନମାନର ହେଉଥିବାରୁ କଷ୍ଟ ଅନୁଭବ କରିବା ସହ ପରିବେଶ ଭଲ ହେବା ପରିବର୍ତେ ଏହା କ୍ଷତିକାରକ ସାଜିଛି ବୋଲି କିଛି ପୁରୋଧା ଏହା ପ୍ରକାଶ କରିଛନ୍ତି । ସେହିଭଳି ଚନ୍ଦନ ଓ ଧୂପକାଠି ମଧ୍ୟ ସୁବାଷିତ ଗନ୍ଧ ପରିବର୍ତେ ଏକ ଏହାର କୌଣସି ବାସ୍ନା ନଥିଲା ଭଳି ମନେ ହେଉଛି । ଯାହାକି ଚର୍ମପାଇଁ କ୍ଷତି ପଂହଚାଇ ପାରେ ବୋଲି ଚର୍ମ ବିଶେଷଜ୍ଞମାନେ ମତ ଦେଉଛନ୍ତି । ହୋମରେ ବ୍ୟବହୃତ କାଠ ଗୁଡ଼ିକ ଅନାବନା କାଠ ହୋଇଥିବାରୁ ସେଗୁଡ଼ିକ ହୋମ ଅନୁପଯୋଗୀ ହେଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥାଏ । ଏହି ପୂଜାସାମଗ୍ରୀ ବିକି ଅସାଧୁ ବ୍ୟବସାୟୀମାନେ ମାଲାମାଲ ହେଉଥିବା ବେଳେ ଏଥିପ୍ରତି ସ୍ଥାନୀୟ ପ୍ରଶାସନର ଆଦୌ ଚିନ୍ତା ନଥିଲା ପରି ମନେହୁଏ । ସକାଳୁ ଉଠିଲେ ସେ ବଡ଼ବଡ଼ିଆ ଅଫିସର୍ ହେଉ କିମ୍ବା ସାଧାରଣ ମହିଳାଟିଏ ନିତ୍ୟକର୍ମସାରି ଠାକୁର ପୂଜାପାଇଁ ଏହି ଭେଜାଲ ଚନ୍ଦନ, ସିନ୍ଦୁର ଇତ୍ୟାତି ଅର୍ପଣକରି ଠାକୁରଙ୍କ ପାଖରେ ନିଜର ଦୁଃଖକୁ ଜଣାଇ ଥାଏ । ଏପରିକି, ପୂଜାସାମଗ୍ରୀ ଦୋକାନ ମିଳୁଥିବା ଭୋଗ, ମହୁ, ରାଶିଲଡୁ ଇତ୍ୟାଦି ମଧ୍ୟ ଭେଜାଲ ହେଉଥିବାରୁ ଭଗବାନ ତ ଭଗବାନ ମଣିଷ ମଧ ପାଟିରେଦେବା କୁଣ୍ଠାବୋଧ କରିଥାଏ । ତେଣୁ ଏହି ଭେଜାଲ ସାମଗ୍ରୀ ଯୋଗୁଁ ଲକ୍ଷଲକ୍ଷ ଭକ୍ତଙ୍କ ମନରେ ଆଘାତ ସୃଷ୍ଟି କରିଥିବା ବେଳେ ସମ୍ପୃକ୍ତ ଅଧିକାରୀମାନେ ଏହା କିପରି ଜାଣି ପାରୁନାହାନ୍ତି ତାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି । ତେବେ ସ୍ଥାନୀୟ ପ୍ରଶାସନ ଏହାକୁ ହୃଦୟଙ୍ଗମ କରି ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ସ୍ଥାନୀୟ ପ୍ରଶାସନ ଏଥିପ୍ରତି କେବେ ରୋକ ଲଗାଉଛି ତାହା ଦେଖିବାକୁ ବାକି ରହିଛି ।

# ଜଗନ୍ନାଥ ମନ୍ଦିର ଜମିକୁ ସରକାରୀ ସଂସ୍ଥାର ଜବରଦଖଲ

ଅନୁଗୋଳ, (ସବ୍ୟୁ) : ଅନୁଗୋଳ ବ୍ଲକ ଅନ୍ତର୍ଗତ ପୁରୁଣାଗଡ଼ ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରସ୍ଥିତ ମହାପ୍ରଭୁ ଠାକୁରଙ୍କ ଜମିରେ ହେଉଛି କଂକ୍ରିଟ ରାସ୍ତା। ଠାକୁରଙ୍କ ଜମିକୁ କୌଣସି ବ୍ୟକ୍ତି ବିଶେଷ ଜବରଦଖଲ କରିନାହାନ୍ତି ବରଂ ସରକାରୀ ସଂସ୍ଥା ଜମିକୁ ଜବରଦଖଲ କରି ମନଇଛା ରାସ୍ତା ନିର୍ମାଣ କରି ଚାଲିଛନ୍ତି। ଏହାର ପ୍ରତିବାଦ କଲେ ସରକାରୀ ସଂସ୍ଥା ମନ୍ଦିର ଟ୍ରଷ୍ଟର କର୍ମକର୍ତା ଓ ଗ୍ରାମର ଅଧିବାସୀ ମାନଙ୍କୁ ନାଲି ଆଖି ଦେଖାଉଛନ୍ତି। ଆଜି ଏ ସମ୍ପର୍କରେ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତରଙ୍କୁ ଏକ ଲିଖିତ ଅଭିଯୋଗ କରାଯାଇଛି। ପ୍ରକାଶଯୋଗ୍ୟ ଯେ ବହୁ ପୁରାତନ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିରଙ୍କ ଦେବତ୍ତୋର ଜମିରେ କୌଣସି ରାସ୍ତା ଓ ଘର ନିର୍ମାଣ ହୋଇପାରିବ ନାହିଁ ବୋଲି ନିୟମ ଅଛି। ଏହି ଜମି ଉପରେ କୌଣସି ପ୍ରକାର ନିର୍ମାଣ ହେଲେ, ତାହା ବେଆଇନ ବୋଲି ବିବେଚନା ହେବ। କିନ୍ତୁ ଅନୁଗୋଳ ବ୍ଲକ ପକ୍ଷରୁ ଠାକୁରଙ୍କ ଜମି ମାଟିଆ ସାହି ମୌଜାର ପ୍ଲଟ ନମ୍ବର ୧୫୨, ୧୨୯ ଓ ୧୩୦ ରେ ଏକ ରାସ୍ତା ନିର୍ମାଣ ହଉଛି ଯାହା ବେଆଇନ ଅଟେ। ଅନୁଗୋଳ ବ୍ଲକ କର୍ତୃପକ୍ଷ ଠାକୁରଙ୍କର ଜମିରେ ବେଆଇନ ଭାବେ ରାସ୍ତା ନିର୍ମାଣ କରୁଛନ୍ତି, ତାହା ଲୋକ ମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ମନ୍ଦିର ଆଞ୍ଚଳିକ କମିଟି ପକ୍ଷରୁ ଟ୍ରଷ୍ଟ ସଭ୍ୟ ସନାତନ ସାହୁ, ପ୍ରଶାନ୍ତ ପୃଷ୍ଟି, ଜଗନ୍ନାଥ ମନ୍ଦିର ନିର୍ବାହୀ ଅଧିକାରୀ ରବି ନାରାୟଣ ନନ୍ଦ, ସହଦେ ବେହେରା, ପ୍ରସନ୍ନ କୁମାର ସାହୁ, ବଡକେରା ସରପଞ୍ଚ ହାଡ଼ିବନ୍ଧୁ ବେହେରା ପ୍ରମୁଖ ମିଳିତ ଭାବେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲାପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନୁଗୋଳ ବିଡିଓ ଙ୍କ ନିକଟରେ ଅଭିଯୋଗ କରାଯାଇ ଏହାର ତଦନ୍ତ କରି ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଦାବି କରିଛନ୍ତି।

# କଙ୍କିଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଲେ କାୟାକଳ୍ପ ସମୀକ୍ଷକ

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ କଙ୍କିଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ସମୀକ୍ଷକ ବୃନ୍ଦ ପଂହଚି ବିଭିନ୍ନ ସମୀକ୍ଷା କରିଥିବା ଜଣାପଡ଼ିଛି । ଏଥିରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଭେକ୍ଟର (ବାହିତ ରୋଗ) ଡ଼ା ପୂର୍ଣ୍ଣିମା ଉଦଗାତା ଏବଂ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ମ୍ୟାନେଜର ଡ଼ା ଦୀପକ ନାୟକ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା ଠାରୁ ଆରମ୍ଭ କରି ରୋଗୀସେବା ଔଷଧ ବିତରଣ କେନ୍ଦ୍ର, ସମନ୍ୱିତ ପରୀକ୍ଷାଗାର, ଔଷଧୀୟ ଉଦ୍ୟାନ ଓ ବର୍ଜ୍ୟବସ୍ତୁ ନିଷ୍କାସନ ବ୍ୟବସ୍ଥା ଆଦି ସମୀକ୍ଷା କରିଥିଲେ। ସମସ୍ତ କର୍ମଚାରୀ ମାନଙ୍କର ସାକ୍ଷାତକାର ନେଇ ମେଡ଼ିକାଲ ଯାଂଚ କରିଥିଲେ। ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ସତ୍ୟପ୍ରିୟ ସମ୍ୱିତଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀଙ୍କ ଉପସ୍ଥିତ ରହି ସହଯୋଗର ହାତ ବଢାଇଥିଲେ । କଙ୍କିଳି ସ୍ୱାସ୍ଥ୍ୟକେନ୍ଦ୍ର ଡ଼ାକ୍ତର ଫାର୍ମାସିଷ୍ଟଙ୍କ ସମେତ କର୍ମଚାରୀ ଉପସ୍ଥିତରେ ଉକ୍ତ ମସୀକ୍ଷା କାର୍ଯ୍ୟ ସମାପନ କରାଯାଇଥିଲା । ପ୍ରକାଶ ଥାଉକି ଉକ୍ତ କାୟାକଳ୍ପ ଟିମ୍ ଗତବର୍ଷ ଏହି ଚିକିତ୍ସାଳୟରେ ପଂହଚି ସମସ୍ତ ସମୀକ୍ଷା କରିବା ସହ ପ୍ରାଥମିକ କେନ୍ଦ୍ରକୁ ଏଗ୍ରେଡ୍ ମାନ୍ୟତା ପ୍ରଦାନ କରିଥିଲେ ବୋଲି ଚିକିତ୍ସାଳୟ ପକ୍ଷରୁ ଜଣାପଡ଼ିଛି । ସମୀକ୍ଷକମାନେ ସର୍ବାଙ୍ଗୀନ ଗୁଣବତା ଉପରେ ସନ୍ତୋଷବ୍ୟକ୍ତ କରିବା ସହିତ ସାବସି ଦେଇଥିଲେ ।

# ଆନ୍ଦୋଳନ ପରେ ଧାନ ଉଠାଇଲା ମିଲର

ଠାକୁରଗଡ଼, (ସବ୍ୟୁ): କିଶୋରନଗର ବ୍ଲକ ବଇଣ୍ଡା ଠାରେ ଥିବା ଲୁହାମୁଣ୍ଡା ସେବା ସମବାୟ ସମିତି ଠାରେ ହୋଇଥିବା ଧାନ ମଣ୍ଡିରେ ଧାନ କଟନୀକୁ ନେଇ ଆନ୍ଦୋଳନ କରାଯିବା ପରେ ପ୍ରଶାସନ ପକ୍ଷରୁ ଧାନର ମାନ ଯାଞ୍ଚ କରି ସୋମବାର ଦିନ ଚାଷୀଙ୍କ ଧାନ କୁ ମିଲର ଉଠାଇଛନ୍ତି । ଫଳରେ ଚାଷୀ ଙ୍କ ମଧ୍ୟରେ ଆଶ୍ୱସ୍ତ ଲାଭ କରିଛନ୍ତି । ଚଳିତ ବର୍ଷ ବିଭିନ୍ନ ମଣ୍ଡିରେ ମିଲର ମାନେ କୁଇଣ୍ଟାଲ ପିଛା ୫କେଜି ଲେଖାଏ କାଟି ନେଉଥିବାକୁ ଚାଷୀ ମାନେ ବିରୋଧ କରୁଛନ୍ତି । ବିଶେଷ କରି ଆଠମଲ୍ଲିକ ଉପଖଣ୍ଡର ମାଧପୁର ଠାରେ ରାସ୍ତା ରୋକ ସହ ବାମୁର ଠାରେ ଚାଷୀ ଆନ୍ଦୋଳନ କରିଥିଲେ । ଶନିବାର ଦିନ ଲୁହାମୁଣ୍ଡା ସୋସାଇଟି ଠାରେ ଚାଷୀ ମାନେ ଆନ୍ଦୋଳନ କରିଥିଲେ । ଚାଷୀ ମାନେ ଗୁରୁବାର ଠାରୁ ଧାନ ଆଣି ମଣ୍ଡିରେ ରଖି ରାତି ସାରା ଜଗୁଥିବା ବେଳେ ଶନିବାର ଦିନ ମିଲର ୫ କେଜି ଲେଖାଏ ଧାନ କାଟିବ ବୋଲି କହିଥିଲେ । ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ପରେ ଧାନ ନେବାକୁ ମିଲର ଆଣିଥିବା ଟ୍ରକକୁ ଚାଷୀ ମାନେ ଅଟକ ରଖି ଆନ୍ଦୋଳନ କରିଥିଲେ । ପରେ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ମିଲର ଧାନର ମାନ ଯାଞ୍ଚ କରି ଉଠାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ଦିନରେ ମିଲର ଧାନ କଟିନ କଲେ ବଡ ଧରଣ ଆନ୍ଦୋଳନ କରାଯିବ ବୋଲି ଚାଷୀ ମାନେ ଚେତାବନୀ ଦେଇଛନ୍ତି ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ୧୬୧ ଅଭିଯୋଗ, ୭୦ର ସମାଧାନ



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ଗାଲପଡା ଗ୍ରାମପଞ୍ଚାୟତ ପରିସରରେ ସୋମବାର ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରୁ ଆସିଥିବା ଲୋକମାନଙ୍କର ଅଭିଯୋଗମାନ ଶୁଣାଣି କରିଥିଲେ । ଶିବିରରେ ମୋଟ୍ ୧୬୧ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୪୪ଟି ବ୍ୟକ୍ତିଗତ ଅଭିଯୋଗ, ୧୪ଟି ଗ୍ରାମର ସମସ୍ୟା ସଂପର୍କୀତ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୩ଟି ଦରଖାସ୍ତ ଅନ୍ତର୍ଭୁକ୍ତ । ସେହିପରି ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇଁ ଆସିଥିବା ଅଭିଯୋଗ ପତ୍ର ସଂପର୍କରେ ସମୀକ୍ଷା କରାଯାଇ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ୭୦ଟି ଅଭିଯୋଗର ଫଇସଲା କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲାସ୍ତରୀ ଅଧିକାରୀ ଏବଂ ବ୍ଲକ୍ର ବିଭିନ୍ନ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

# ଅନୁଗୋଳ ସତସଙ୍ଗ ବିହାର ପକ୍ଷରୁ ବଣଭୋଜି

ଅନୁଗୋଳ, (ସବ୍ୟୁ): ଅନୁଗୋଳ ସତସଙ୍ଗ ବିହାର ପକ୍ଷରୁ ସ୍ଥାନୀୟ ଚଣ୍ଡୀଖମଣ ଶିବ ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏକ ବଣଭୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋଚନା ହେବା ସହ ଭଜନ ଓ କୀର୍ତ୍ତନ ଗୁରୁଭାଇ ମାନଙ୍କ ମଧ୍ୟରେ ହୋଇଥିଲା। ଅନୁଗୋଳ ସତସଙ୍ଗ ବିହାରର ସ.ପ୍ର.ର ମାଧବ ଚନ୍ଦ୍ର ସାହୁ, ରାଧାକାନ୍ତ ବେହେରା, ଅଶୋକ ଗଡ଼ନାୟକ, ପିତାମ୍ବର ସାମଲ, ଅଧ୍ୱର୍ଯ୍ୟ ଅଚ୍ୟୁତାନନ୍ଦ ବରିହା, ଆତ୍ମଜ ସାହୁ, ଯାଜକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିମଳ କୁମାର ସାହୁ, ସୌମେନ୍ଦ୍ର ସ୍ୱାଇଁ, ପ୍ରତାପ ସାହୁ, ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଦେବାନନ୍ଦ ନାୟକ, ଦେବେନ୍ଦ୍ର ଆଚାର୍ଯ୍ୟ, ବିନୋଦ ବିହାରୀ ସାହୁ, ଜ୍ଞାନରଞ୍ଜନ ଭୁକ୍ତା, ପ୍ରହ୍ଲାଦ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଗୁରୁମା, ଗୁରୁଭାଇ ଓ କାଙ୍ଗୁଲା ଗ୍ରାମର ଗୁରୁଭାଇ ମାନେ ଏହି ବଣଭୋଜିରେ ଉପସ୍ଥିତ ଥିଲେ ।

# ପାଲଲହଡାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ପାଲଲହଡା, (ସବ୍ୟୁ): ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସଭାଗୃହ ପରିସରରେ ଅନୁଗୁଳ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଆଜିର ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୭ଗୋଟି ଅଭିଯୋଗ ଆଗତ ହୋଇଥିଲାବେଳେ ଏଥିରୁ ୩୦ଗୋଟି ବ୍ୟକ୍ତିଗତ ଏବଂ ୭ଗୋଟି ସାମୁହିକ ଅଭିଯୋଗ ଆଗତ କରାଯାଇଥିଲା । ସେଥିରୁ ଗୋଟିଏ ଅଭିଯୋଗର ତତକ୍ଷଣାତ ଶୁଣାଣି କରାଯାଇଥିଲା। ଆଜିର ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ଏସଡିପିଓ ସୁଶାନ୍ତ କୁମାର ତାଉଡ଼ିଆଙ୍କ ସମେତ ସମସ୍ତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ଉଚ୍ଚ ପଦାଧିକାରୀ ଅଂଶ ଗ୍ରହଣ କରିଥିଲେ।

# ଭୁବନେଶ୍ୱର ଓ ଢେଙ୍କାନାଳକୁ ନିୟମିତ ମୋ ବସ ସେବା ଆରମ୍ଭ ପାଇଁ ଦାବି

ହିନ୍ଦୋଳ, (ସବ୍ୟୁ): ପୂର୍ବ ସରକାରଙ୍କ ସମୟରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ପରିଚାଳିତ ସରକାରୀ ବସ ସେବାକୁ ବ୍ୟାପକ କରାଯାଇ ଏହାକୁ ଏଠାରୁ ନିୟମିତ ସକାଳୁ ରାଜ୍ୟ ରାଜଧାନୀ ଭୁବନେଶ୍ୱର, ତୀର୍ଥ କ୍ଷେତ୍ର ପୁରୀ ଓ ଜିଲ୍ଲା ସଦର ମହକୁମା ଢେଙ୍କାନାଳ ପର୍ଯ୍ୟନ୍ତ ଆରମ୍ଭ କରିବାକୁ ଏଠାକାର ଜନସାଧାରଣ ଓ ବୁଦ୍ଧିଜୀବୀ ମହଲ ପକ୍ଷରୁ ଦାବି ହେଉଛି। ତତ୍କାଳୀନ ବିଜେଡି ସରକାର ସମୟରେ ହିନ୍ଦୋଳ ଉପଖଣ୍ଡ ମହକୁମାରେ ଥିବା ଜରାଜୀର୍ଣ୍ଣ ବସଷ୍ଟାଣ୍ଡଟିକୁ ପୁନଃ ଉଦ୍ଧାର କରାଯାଇ କୋଟିକୋଟି ଟଙ୍କା ବ୍ୟୟରେ ନୂତନ ଶୈଳୀରେ ନୂଆଁ ବସ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଭିଡିଓ କନଫରେନ୍ସ ଜରିଆରେ ବିଗତ ବର୍ଷ ଫେବୃୟାରୀ ୧୫ ତାରିଖରେ ଏହା ଲୋକାର୍ପିତ ହୋଇଥିଲା। ଗାଁ ଗହଳିର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାକୁ ସେତେବେଳ ପ୍ରତିଶ୍ରୁତି ବଦ୍ଧ ଥିବା ରାଜ୍ୟ ସରକାର ଅନ୍ୟ ଜିଲ୍ଲା ମାନଙ୍କ ଭଳି ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାରେ ମଧ୍ୟ ପରୀକ୍ଷା ମୂଳକ ଭାବେ ଲକ୍ଷ୍ମୀ ବସ ସେବା ଆରମ୍ଭ କରିଥିଲେ। ହିନ୍ଦୋଳରେ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ୍ମୀ ବସ ଏଠାରୁ ବିଭିନ୍ନ ପଞ୍ଚାୟତକୁ ଗଡିବା ଆରମ୍ଭ କରିଥିଲା। ପର୍ଯ୍ୟାୟ କ୍ରମେ ଏହା ଏବେ ୮ ଟିରେ ପହଞ୍ଚିଛି ଓ ଗୋଟିଏ ବସ ସର୍ବଦା ଜରୁରୀ ଭାବେ ବସ ଷ୍ଟାଣ୍ଡ ପରିସରରେ ଛିଡ଼ା ହୋଇ ରହୁଛି। ଜନସାଧାରଣଙ୍କ ପୂର୍ବ ଦାବି ଅନୁଯାୟୀ ଏଠାରୁ ପ୍ରତ୍ୟହ ସକାଳୁ ରାଜଧାନୀ ଭୁବନେଶ୍ୱର ତୀର୍ଥ ଧାମ ପୁରୀ ଓ ଜିଲ୍ଲା ମହକୁମା ଢେଙ୍କାନାଳକୁ ନିୟମିତ ମୋ ବସ ସେବା ଚଳା ଚଳ କରିବାକୁ କରିଥିବା ଦାବୀ ସେହିଭଳି ଦାବି ମଧ୍ୟରେ ରହି ଯାଇଛି। ସରକାରୀ ବସ ଗଡ଼ିବା ଦିନ ଠାରୁ ଢେଙ୍କାନାଳ ଦିଗକୁ ଓ ଢେଙ୍କାନାଳରୁ ହିନ୍ଦୋଳ ଦିଗକୁ ପ୍ରତିଦିନ ଯାତାୟାତ କରୁଥିବା ଘରୋଇ ଛୋଟ ମୋଟ ବସ ଗୁଡ଼ିକ ପ୍ରାୟତଃ ବନ୍ଦ ହୋଇ ଗଲାଣି। ଏଠାରୁ ବଡି ଭୋର୍ ୫ ଟା ସମୟରେ ବସ ଧରି ହିନ୍ଦୋଳ ରୋଡ କିମ୍ବା ଢେଙ୍କାନାଳ ଷ୍ଟେସନକୁ ଯାଇ ଟ୍ରେନ ଧରିବା ଲୋକଙ୍କ ପକ୍ଷେ ସହଜ ହେଉଥିଲା। ତେବେ ସେହି ନିର୍ଦ୍ଦିଷ୍ଟ ବସ ଗୁଡ଼ିକ ବନ୍ଦ ହୋଇ ଯାଇ ଥିବାରୁ ଜନସାଧାରଣ ହଇରାଣ ଭୋଗୁଛନ୍ତି । ସେହିଭଳି ଅନୁଗୋଳରୁ ହିନ୍ଦୋଳ ଓ ଆଠଗଡ଼ ଦେଇ ଭୁବନେଶ୍ୱରକୁ ସକାଳେ ଯାଉଥିବା ଘରୋଇ ବସ ଦୁଇଟି ନିୟମିତ ଯାତାୟାତ କରୁ ନଥିବାରୁ ଏହି ଅଞ୍ଚଳର ଯାତ୍ରୀ ମାନେ ସମାନ ଦଶା ଭୋଗୁଛନ୍ତି। ହିନ୍ଦୋଳରୁ – ଗୁଡିଆକାଟେଣୀ ଛକ ଢେଙ୍କାନାଳ ଦେଇ ଭୁବନେଶ୍ୱରକୁ ବସ ଗଡିଲେ କଟକରେ ପହଞ୍ଚି ଲୋକମାନଙ୍କ ପାଇଁ ଚିକିତ୍ସା ସେବା ପାଇବା ସହଜ ସାଧ ହୋଇ ପାରିବା ଏନେଇ ଗତ ବର୍ଷ ସ୍ଥାନୀୟ ଜନସାଧାରଣ (ନାଗରିକ ମଞ୍ଚ) ଓ ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ଢେଙ୍କାନାଳ ଭୁବନେଶ୍ୱର ଓ ପୁରିକୁ ନିୟମିତ ମୋ ବସ ସେବା ଆରମ୍ଭ କରିବାକୁ ତତ୍କାଳୀନ ଜିଲ୍ଲାପାଳଙ୍କୁ ଜନଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଦାବୀ ଉପସ୍ଥାନ କରା ଯାଇଥିବା ବେଳେ ବିଗତ ସରକାରଙ୍କ ୫ ଟି ସଚିବ ଭିକେ ପାଣ୍ଡିଆନଙ୍କୁ ଦାବି ଉପସ୍ଥାପନ କରା ଯାଇଥିଲା। ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ହିନ୍ଦୋଳ ବାସୀ ନିବେଦନ କରିଛନ୍ତି ।

# ଡ଼ିଏଭି ଜଗନ୍ନାଥ କ୍ଷେତ୍ରରେ ଆତ୍ମରକ୍ଷା ତାଲିମ କର୍ମଶାଳା



ସାଉଥବଲଣ୍ଡା, (ସବ୍ୟୁ): ଡ଼ି.ଏ.ଭି ଜଗନ୍ନାଥ କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଆତ୍ମରକ୍ଷା କୌଶଳ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦୁଇଜଣ ଅଭିଜ୍ଞ ପ୍ରଶିକ୍ଷାର୍ଥୀ ଛାତ୍ରଛାତ୍ରୀ ମାନଙ୍କୁ ନିଜର ସୁରକ୍ଷା ସମ୍ବନ୍ଧରେ ଅବଗତ କରାଇଥିଲେ। ବିପଦ ସମୟରେ ନିଜକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଆବଶ୍ୟକ କୌଶଳ ସ୍ୱରୂପ ହାତ ଓ ପାଦର ସଂଚାଳନ, ବିପଦମୂଳକ ସ୍ଥାନରୁ ପଳାୟନ କରିବାର କୌଶଳ ତଥା ନିଜକୁ ଆକ୍ରମଣକାରୀ କବଳରୁ ବଂଚାଇବାର କୌଶଳ ସଂପର୍କରେ ଶିକ୍ଷା ଦେଇଥିଲେ। ବିଦ୍ୟାଧ୍ୟାୟନ ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀ ସାହସୀ ତଥା ଆତ୍ମରକ୍ଷା କରିବାର କଳାରେ ପାରଦର୍ଶିତା ଲାଭକଲେ ସମାଜ ଶୃଙ୍ଖଳିତ ହେବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଶୁକ୍ଳା ଚକ୍ରବର୍ତୀ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟ ସ୍ତରରେ ଏଭଳି ତାଲିମ ଶିବିର ଆୟୋଜନ କରି ଛାତ୍ରଛାତ୍ରୀ ମାନଙ୍କ ଶୈକ୍ଷିକ ଅଭିବୃଦ୍ଧି ସହିତ ଜୀବନ ଦକ୍ଷତାର ବିକାଶ ନିମନ୍ତେ ନେଇଥିବା ଏହି ଅଭିନବ ପ୍ରୟାସ ପାଇଁ ଅଭିଭାବକ ମାନେ ବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

## କାଳକୋଠରିରୁ ମୁକ୍ତି ପାଇଲେ ସିଲେଇ
# ଜରିମାନା ଦେଇ ନପାରି ଥିଲେ ଜେଲରେ

କେନ୍ଦୁଝର, (ସ୍ୱପ୍ର) : ଜରିମାନା ଦେଇ ନ ପାରି ଜେଲରେ ସଜା କାଟୁଥିବା ଜଣେ ବନ୍ଦୀଙ୍କୁ କେନ୍ଦୁଝର ଜେଲରୁ ମୁକ୍ତି କରାଯାଇଛି। ବନବାସୀ କଲ୍ୟାଣ ଫାଉଣ୍ଡେସନ୍ ଜରିମାନା ବାବଦକୁ ଫାଉଣ୍ଡେସନ ପକ୍ଷରୁ ୧୦ ହଜାର ଟଙ୍କା ଜମା କରାଯିବା ପରେ ତାଙ୍କୁ କେନ୍ଦୁଝର ଜେଲୁ ମୁକ୍ତ କରାଯାଇଛି। ମୁକ୍ତ ହୋଇଥିବା ବ୍ୟକ୍ତି ହେଲେ ସିଲେଇ ମୁଣ୍ଡା (୫୨)।ତାଙ୍କ ଘର କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଆମୁଣି ଗ୍ରାମର ମୁଣ୍ଡାସାହିରେ। ସେ ଏକ ମାମଲାରେ ଗିରଫ ହୋଇ ଦଣ୍ଡିତ ହୋଇଥିଲେ। କୋର୍ଟ ତାଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଥିଲେ। ଜରିମାନା ଅନାଦାୟ ଆଉ ୬ ମାସ ଅଧିକ ଜେଲ୍ ଦଣ୍ଡ ପାଇଁ କୋର୍ଟ ରାୟ ଦେଇଥିଲେ। ୧୦ ବର୍ଷ ଜେଲ୍ ଦଣ୍ଡ ଭୋଗିବା ପରେ ମଧ ସେ ଜରିମାନା ଦେଇ ନ ପାରି ସଜା କାଟୁଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ବନବାସୀ କଲ୍ୟାଣ ଫାଉଣ୍ଡେସନ୍ ପକ୍ଷରୁ ଜରିମାନା ବାବଦକୁ ୧୦ ହଜାର ଟଙ୍କା କୋର୍ଟରେ ଜମା କରାଯାଇଥିଲା ବୋଲି ବନବାସୀ କଲ୍ୟାଣ ଫାଉଣ୍ଡେସନର ଓଡ଼ିଶା ଅଧ୍ୟକ୍ଷ ଇଂ.ବସନ୍ତ କୁମାର ଦାନୀ ସୂଚନା ଦେଇଛନ୍ତି। ଜେଲରୁ ମୁକ୍ତ ହେବା ପରେ ଫାଉଣ୍ଡେସନ୍ ପକ୍ଷରୁ ସିଲେଇଙ୍କୁ ଥଇଥାନ କରାଯିବ ବୋଲି ସେ କହିଛନ୍ତି। ଓଡ଼ିଶାର ବିଭିନ୍ନ ଜେଲରେ ଛୋଟମୋଟ ମାମଲାରେ ସମ୍ପୃକ୍ତ ଥିବା ବହୁ ବନ୍ଦୀ ରହିଛନ୍ତି। ସେମାନଙ୍କୁ ମଧ ମୁକ୍ତ କରିବା ପାଇଁ ସହଯୋଗର ହାତ ବଢ଼ାଯିବ ବୋଲି ଫାଉଣ୍ଡେସନ ଉପଦେଷ୍ଟା ଅବସରପ୍ରାପ୍ତ ଜେଲ୍ ଡିଆଇଜି ଅମିୟ ପଟ୍ଟନାୟକ କହିଛନ୍ତ। ଜେଲରୁ ମୁକ୍ତ ହେବା ସମୟରେ ଫାଉଣ୍ଡେସନ ସଦସ୍ୟ ରମେଶ ବେହେରା, ଭାବଗ୍ରାହୀ ମିଶ୍ର, ବିଶ୍ୱହିନ୍ଦୁ ପରିଷଦର କେଦାର ଦାଶ, ସୁବ୍ରତ ମହାନ୍ତି, ରଞ୍ଜନ ସାହୁ ଉପସ୍ଥିତ ଥିଲେ। ସିଲେଇ ମୁଣ୍ଡା ଜଣେ ଗରିବ, ବାସହୀନ ହୋଇଥିବାରୁ ପ୍ରଶାସନ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇଦେବାକୁ ଫାଉଣ୍ଡେସନ୍ ପକ୍ଷରୁ ଅନୁରୋଧ କରାଯିବ ବୋଲି ଶ୍ରୀ ଦାନୀ ସୂଚନା ଦେଇଛନ୍ତି।

# ଓଡ଼ିଶା ବିଧାନ ସଭା ପବ୍ଲିକ୍ ଅଣ୍ଡର ଟେକିଂ କମିଟିର ଭଦ୍ରକ ଗସ୍ତ

ଭଦ୍ରକ,(ସବ୍ୟ):ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ବିଧାନ ସଭାର ପବ୍ଲିକ ଅଣ୍ଡର ଟେକିଂ କମିଟି ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ୩ ଜିଲ୍ଲା ଗସ୍ତରେ ଆସି ପ୍ରଥମେ ଭଦ୍ରକରେ ପହଞ୍ଚି କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। କମିଟିର ଅଧ୍ୟକ୍ଷ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ କମିଟିର ଅନ୍ୟତମ ସଦସ୍ୟ ତଥା ବିଧାୟକ ଭାବେ ବଦ୍ରିନାରାୟଣ ପାତ୍ର, ଅଶ୍ୱିନୀ କୁମାର ପାତ୍ର, ସଞ୍ଜିବ୍ କୁମାର ମଲ୍ଲିକ୍, ଅଖିଳ ଚନ୍ଦ୍ର ନାୟକ, ମଙ୍ଗୁଖିଲ ପ୍ରମୁଖ ଏହି ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ପ୍ରମୁଖ ମଧ ସେମାନଙ୍କ ସହିତ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟକି କ୍ଷେତ୍ର ପରିଦର୍ଶନରେ ଜିଲ୍ଲା ପ୍ରଶାସନ ଅଧିକାରୀ ଓ କମିଟି ସଦସ୍ୟମାନେ ଭଣ୍ଡାରିପୋଖରୀ ବ୍ଲକ୍ ଓ ଆଖୁଆପଦା ଅଞ୍ଚଳର ନେରେଡ଼ା ଓ ବାଲିପୋଖରୀ ଗ୍ରାମପଞ୍ଚାୟତର ସୁବର୍ଣ୍ଣମୁଖୀ ବାଲି ଖାଦାନ ପରିଦର୍ଶନ କରି ସେଠାରୁ ଯାଜପୁର ଓ ଭଦ୍ରକକୁ ଚୋରା ବାଲିଚାଲାଣ ଅଭିଯୋଗ ଓ ସମସ୍ୟାର ତଦାରଖ କରିଥିଲେ। ସେହିପରି ରହଣିଆ ଧାନମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କ ଠାରୁ ସେମାନଙ୍କ ଅଭିଯୋଗ ଓ ସମସ୍ୟା ଶୁଣି ସମାଧାନ ପାଇଁ ଆଶୁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ୨୦୨୪-୨୫ ବର୍ଷର ଉକ୍ତ କମିଟିର ୯ମ ବୈଠକ ଓ କ୍ଷେତ୍ର ସ୍ତରୀୟ ପରିଦର୍ଶନ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ଆଖୁଆପଦା ଅଞ୍ଚଳର ବାଲିଖନନ ସ୍ଥଳୀ ଓ ଧାନ ମଣ୍ଡି ପରିଦର୍ଶନ ପରେ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଓ.ଏସ୍.ଆର.ଟି.ସି., ପର୍ଯ୍ୟଟନ, ଓଡ଼ିଶା ବନ ନିଗମ, ଓଡ଼ିଶା ପୋଲିସ୍ ହାଉସିଂ କର୍ପୋରେସନ୍, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିକ୍ କର୍ପୋରେସନ୍, ଓ.ପି.ଟି.ସି.ଏଲ୍., ଯୋଗାଣ ନିଗମ ଆଦି ଦ୍ୱାରା ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ ଯୋଜନା ଆଦିର କାର୍ଯ୍ୟକାରୀତା, ସଫଳତା ଓ ସଦସ୍ୟା ସମ୍ବନ୍ଧରେ ଟିକିନିଖି ସମୀକ୍ଷା କରିଥିଲେ। ବିଶେଷ କରି ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବା ପାଇଁ କମିଟିର ଅଧ୍ୟକ୍ଷ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିନା କଟନୀ ଛଟନୀରେ ଏଫ୍ ଏ କ୍ୟୁ ମାନର ଧାନ କ୍ରୟ ପ୍ରତି ଯତ୍ନବାନ୍ ହେବାକୁ କୁହାଯାଇଥିଲା। ସେହିପରି ବାଲି ଉତ୍ତୋଳନରେ ମାଫିଆ ରାଜ୍ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ କମିଟିର କ୍ଷେତ୍ର ସ୍ତରୀୟ ପରିଦର୍ଶନ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକରେ ଉପସ୍ଥିତ ରହି ସମୀକ୍ଷାରେ ଆବଶ୍ୟକ ମତେ ସଂପୃକ୍ତ ବିଭାଗର ତଥ୍ୟ ଓ ସମସ୍ୟା ସମ୍ବନ୍ଧରେ କମିଟିକୁ ଅବଗତ କରାଇଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଏହି ସମୀକ୍ଷା ବୈଠକ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ନିଗମ ମାନଙ୍କର ସାଧାରଣ ପରିଚାଳକ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆବଶ୍ୟକ ମତେ କମିଟି ନିକଟରେ ନିଜ ନିଜ ବିଭାଗୀୟ ତଥ୍ୟ ଉପସ୍ଥାପନ କରିଥିଲେ।

## ଡୁଙ୍ଗୁରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଖଇରା,(ସବ୍ୟ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକୋତ୍ସବ ରବିବାର ଦିନ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଶିଶିର କୁମାର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ବିବେକାନନ୍ଦ ସାହୁ ମୁଖ୍ୟବକ୍ତା,ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର,ଅଧ୍ୟାପକ ବିଜୟ ବେହେରା ଓ ଶିକ୍ଷକ ନେତା କୈଳାସ ଚନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କାରଯୁକ୍ତ ଶିକ୍ଷା ସମାଜରେ ସୁଧାର ଆଣିଥାଏ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଆଚାର୍ଯ୍ୟା ସୁପ୍ରଭା ଖଟୁଆ ଅତିଥି ପରିଚୟ,ସବିତାରାଣି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରବିନ୍ଦ୍ର ନାଥ ନାୟକ,ବିଷ୍ଣୁପ୍ରସାଦ ବାରିକ,ବିଶ୍ୱନାଥ ସେଣ୍ଠ,ତପସ୍ୱିନୀ ସାହୁ,ବୈକୁଣ୍ଠନାଥ ପଣ୍ଡା,ନନ୍ଦକିଶୋର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ କୃତିପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଶତାୟୁ ନେତା ସୁଧାକର ବାରିକଙ୍କ ବିୟୋଗ

ଅସୁରାଳି,(ସବ୍ୟ):ଭଦ୍ରକ ଜିଲ୍ଲାର ବର୍ଷିଆନ ବାମପନ୍ଥୀ ନେତା ସୁଧାକର ବାରିକ(୧୦୨)ଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୨ବର୍ଷ ହୋଇଥିଲା। ବୟସାଧିକ କାରଣରୁ ଅସୁସ୍ଥ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିବା ଶତାୟୁ ସୁଧାକରଙ୍କର ଧାମନଗର ବ୍ଲକ ରଇପୁର ପଂଚାୟତ ଜଗନ୍ନାଥବାଡ଼ିସ୍ଥିତ ବାସଭବନରେ ମୃତ୍ୟୁ ହୋଇଥିଲା। ସିପିଆଇଏମ ସଂଗଠନ ସହିତ ଦୀର୍ଘବର୍ଷ ଧରି ଜଡିତ ଥିବା ସୁଧାକର ବାବୁ ଜଣେ ବରିଷ୍ଠ ଚାଷୀ ମୂଳିଆ ନେତା ଭାବେ ପରିଚିତ ଥିଲେ। ବିଭିନ୍ନ ଅନୁଷ୍ଠାନ ସହିତ ସମ୍ପୃକ୍ତ ରହି ଆଂଚଳିକ ବିକାଶ ପାଇଁ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ରଇପୁର-ପାଳସାହି ପଂଚାୟତ ଅଂଚଳରେ ଶୋକ ପ୍ରକାଶ ପାଇଛି। ବରିଷ୍ଠ ବାମପନ୍ଥୀ ନେତା ଚନ୍ଦ୍ରଶେଖର ନାୟକ,ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ପାଢ଼ୀ,କୃଷକ ନେତା ସତ୍ୟମୂର୍ତ୍ତି ବେହେରା,ଧୂଷୁରୀ ଆଂଚଳିକ କମିଟି ସମ୍ପାଦକ ରମେଶ ସାହୁ,ମାର୍କଣ୍ଡ ଜେନା,ବିଜେପି ନେତା ଭାଗିରଥୀ ମହାନ୍ତି,ବିଜେଡ଼ି ନେତା ସୁଶାନ୍ତ ନାୟକ,ଅନିଲ ଦାସ,ଶିକ୍ଷାବିତ ଚିତ୍ରଭାନୁ ଦାସ,କଂଗ୍ରେସ ନେତା ରମେଶ ବେହେରା,ଚିତ୍ରସେନ ଜେନା,ପ୍ରଶାନ୍ତ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ବେତାଳିଗାଁ ନିକଟ ଜଗନ୍ନାଥବାଡ଼ି ଠାରେ ସୁଧାକରଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ପୁତ୍ର କୈଳାସ ମୁଖାଗ୍ନି ଦେଇଥିଲେ।

## ପୋଲିସର ଜନସଚେତନତା ବୈଠକ

ଆଗରପଡ଼ା,(ସବ୍ୟ):ଆଗରପଡ଼ା ପୋଲିସ ପକ୍ଷରୁ ଜନସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଶ୍ରୀକାନ୍ତ ପତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସ୍ଥାନୀୟ ଅଂଚଳର ବିଭିନ୍ନ ବର୍ଗର ଲୋକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନେକ ଠିକଣା ବିହୀନ ଲୋକ ଅନ୍ୟଆଡୁ ପଳାଇ ଆସି ବ୍ୟବସାୟ ନାଆଁରେ ନାନାଦି ଅପରାଧିକ ଘଟଣା ଘଟାଉଛନ୍ତି। ଯାହାକି ସାଧାରଣଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସେମାନଙ୍କୁ ଚିହ୍ନଟ କରାଯିବା ପାଇଁ ଉକ୍ତ ବୈଠକରେ ସ୍ଥିର ହୋଇଥିଲା। ଏଥିସହିତ ସ୍ଥାନୀୟ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ପ୍ରାକ୍ତନ ସରପଂଚ ରବିନାରାୟଣ ମହାନ୍ତି,ସରପଂଚ ପ୍ରକାଶ ବିଶ୍ୱାଳ,ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ,ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ,ଗଣମାଧ୍ୟମ ପ୍ରତିନିଧି ଅକ୍ଷୟ ସିଂହ,ଜିତେନ୍ଦ୍ର ଶତପଥି,ଶେଖ ଇନୁସ୍,ଶେଖ ଅନୱାର,ବସନ୍ତ ପତି,ଦିପକ ମହାନ୍ତି,ଅଶୋକ ପରିଡ଼ା,ଶେଖ ଇଶା,ତବାରକ ଖାଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଭୀମକୁଣ୍ଡ ସ୍ୱତୀଘାଟରେ ସାନ୍ତାଳ ସମ୍ପ୍ରଦାୟର ଅସ୍ଥି ବିସର୍ଜନ



ଠାକୁରମୁଣ୍ଡା,(ସବ୍ୟ) : ରବିବାର ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡ ନିକଟରେ ଥିବା ପବିତ୍ର ବୈତରଣୀ ନଦୀର ସଙ୍ଗମ ସ୍ଥଳର ସ୍ୱତୀଘାଟରେ ସାନ୍ତାଳ ସମ୍ପ୍ରଦାୟର (ଦାମୋଦର ମେଳା) ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ଚଳିତ ବର୍ଷ ୧୭୩୨ ଗୋଟି ଅସ୍ଥି ବିସର୍ଜନ ହୋଇଯାଇଛି । ଅସ୍ଥି ବିସର୍ଜନ ମେଳାକୁ ମୟୂରଭଞ୍ଜ , କେନ୍ଦୁଝର , ସୁନ୍ଦରଗଡ, ବାଲେଶ୍ୱର, ଭଦ୍ରକ, ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ବେଙ୍ଗଲରୁ ଆସି ଠାକୁରମୁଣ୍ଡା ଭୀମକୁଣ୍ଡ ସ୍ୱାତିଘାଟରେ ଅସ୍ଥି ବିସର୍ଜନ କରି ଥିଲେ।ମେଳାରେ ପ୍ରାୟ ୭୫ ହଜାରରୁ ଅଧିକ ଶ୍ରଧାଳୁଙ୍କ ସମାଗମ ଦେଖିବା ମିଳିଥିଲା। ପ୍ରକାଶ ଯେ ସାନ୍ତାଳ ସମ୍ପ୍ରଦାୟର ର ପ୍ରଥା ଅନୁଯାୟୀ ମକର ସଂକ୍ରାନ୍ତି ପରେ ଆଦିବାସୀ ସଂପ୍ରଦାୟର ପାରମ୍ପରିକ ଅସ୍ଥି ବିସର୍ଜନ ସହ ପିଣ୍ଡ ଦାନ ଓ ଶ୍ରାଦ୍ଧ କର୍ମକୁ ଦାମୋଦର ଯାତ୍ରା କହିଥାନ୍ତି।ପରିବାରରେ ମୃତ ବ୍ୟକ୍ତିଙ୍କ ସଂସ୍କାର ପରେ ତାଙ୍କର ଅସ୍ଥିକୁ ଏକ ଗଛ ମୂଳରେ ମାଟି ତଳେ ପୋତି ରଖିଥାନ୍ତି। ଅସ୍ଥି ବିସର୍ଜନ ର ପୂର୍ବ ଦିନରୁ ପୋତି ରଖିଥିବା ଅସ୍ଥିକୁ ପରିବାର ସଦସ୍ୟ ମାନଙ୍କ ଦ୍ୱାରା ବାହାର କରାଯାଇ ଅସ୍ଥି ବିସର୍ଜନ ଦିନ ଅସ୍ଥିକୁ ଏକ ହଳଦୀ ବଳା କନାରେ ଗୋଡ଼ାଇ ପରିବାରର ଜଣେ ସଦସ୍ୟଙ୍କ ବେକରେ କିମ୍ବା ଅଣ୍ଟାରେ ବାନ୍ଧି ପରିବାର ସହ ଅସ୍ଥି ବିସର୍ଜନ କରିବାକୁ ଆସିଥାନ୍ତି। ଅସ୍ଥି ବିସର୍ଜନ ସ୍ଥଳୀରେ ପହଂଚି ବୈତରଣୀ ନଦୀର କୂଳ ରେ ଥିବା ବାଲି ରେ ମଣ୍ଡପ କରି ବିଧି ଅନୁଯାଇ ପୂଜା କରିବା ପରେ ନଦୀ ପାଣିରେ ଅସ୍ଥିକୁ ବିସର୍ଜନ ଦେଇଥାନ୍ତି।ପରେ ସେଠାରେ ଥିବା ମାରାଂ ବୁରୁ ମନ୍ଦିର କୁ ଯାଇ ପୂଜା କରିଥାନ୍ତି।ବିଗତ ବର୍ଷ ମାନଙ୍କରେ ସହସ୍ରାଧିକ ଶ୍ରାଦ୍ଧ କରୀଙ୍କ ସମାଗମ ହେଉଥିଲେ। ଏହି ଅସ୍ଥି ବିସର୍ଜନ ନିମନ୍ତେ ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲ୍ଲା ତଥା ପୋଡଶୀ ରାଜ୍ୟ ଝାଡ଼ଖଣ୍ଡ ସମେତ ବିଭିନ୍ନ ସ୍ଥାନରୁ ସାନ୍ତାଳ ସମ୍ପ୍ରଦାୟର ଲୋକେ ଆସି ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।ଚଳିତ ବର୍ଷ ସ୍ୱତୀ ଘାଟରେ ୧୨୩୬ ରୁ ଉର୍ଦ୍ଧ୍ୱ ଅସ୍ଥି ବିସର୍ଜନ ହୋଇଥିବା ନେଇ ଦାମୋଦର ମେଳା ଆୟୋଜନ କରୁଥିବା ମାରାଂ ବୁରୁ କମିଟି ପକ୍ଷରୁ ଜଣାଯାଇଛି।ଉକ୍ତ ମେଳାରେ ପୂର୍ବାହ୍ନ ରେ କରଞ୍ଜିଆ ର୍ନିବାଚନ ମଣ୍ଡଳୀର ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇଥିଲେ । କମିଟିର ସଭାପତି ଦାଶରଥି ସୋରେନ, ସଂମ୍ପାଦକ ଭାଗିରଥି ଟୁଡୁ, ସହ ସମ୍ପାଦକ ବସନ୍ତ ସୋରେନ, କୋଷାଧ୍ୟକ୍ଷ ଅବିନାଶ ଟୁଡୁ , ପୂଜକ ବଳଭଦ୍ର ଟୁଡୁ, ସଞ୍ଜୟ କୁମାର ମାଝୀ, ବଜ୍ରକିଶୋର ଟୁଡୁ, ବିଜୟ ଟୁଡୁ, ଲାଲମୋହନ ମାଝୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଅସ୍ଥି ବିସର୍ଜନ କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ ।ମେଳାକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀ, ଠାକୁରମୁଣ୍ଡା ଓଆଇସି ସାବିତ୍ରୀ ଦଳେଇଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ଥିଲେ ,ଅଗ୍ନିଶମ ବିଭାଗ ,ଅବକାରୀ ଥାନା ଅଧିକାରୀ ଭାରତୀ ନାଏକ ଓ କର୍ମଚାରୀ, ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## ଜିଲ୍ଲା ସଂଗ୍ରାମୀମାନଙ୍କର ଜିଲ୍ଲାପାଳଙ୍କୁ ଡାଟା ପ୍ରଦାନ



କେନ୍ଦୁଝର (ସ୍ୱପ୍ର) : ୧୯୭୫ ମସିହାରେ ଜରୁରୀ କାଳୀନ ପରିସ୍ଥିତ ଜାରି କରି ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସମ୍ବିଧାନ ସମଗ୍ର ରାଷ୍ଟ୍ର ରାଜନେତା, ପ୍ରେସ ଓ କଲେଜ ଛାତ୍ର ଙ୍କୁ ଜବରଦସ୍ତ ରାତିଅଧିଆ ଜେଲ କୁ ପଠାଇ ଅନେକ ନିର୍ଯ୍ୟାତନା ଦେଉଥିଲେ ।ଏହାର ପ୍ରତିବାଦରେ ଭାରତ ର ଛାତ୍ର ସମାଜ ସହିତ ଆନନ୍ଦପୁର ର ପ୍ରମୁଖ କଲେଜ ଛାତ୍ର ସେତେବେଳର ଜନସଂଘ ଅପ୍ରତିଦ୍ୱନ୍ଦୀ ଯୁବ ନେତା କ୍ଷୀରୋଦ ପ୍ରସାଦ ସ୍ୱାଇଁଙ୍କ ନେତୃତ୍ୱରେ ଗଣତନ୍ତ୍ର କୁ ରକ୍ଷା କରିବା କରି କାରାବରଣ କରିଥିଲେ ।୧୯୭୫ ମସିହାରେ ଗଣତନ୍ତ୍ର କୁ ରକ୍ଷା କରି ସତ୍ୟାଗ୍ରହ ମାଧ୍ୟମ ରେ ୪ ମାସରୁ ଉର୍ଦ୍ଧ୍ୱ କାଳ ଜେଲ ଯାଇଥିବା ପୂର୍ବତନ ବିଧାୟକ ରାଜବନ୍ଦୀ କ୍ଷୀରୋଦ ପ୍ରସାଦ ସ୍ୱାଇଁ ଙ୍କ ନେତୃତ୍ୱ ରେ ଶ୍ରୀ ସତ୍ୟ ନାରାୟଣ ମହାପାତ୍ର, ରବୀନ୍ଦ୍ର ପ୍ରସାଦ ଚାନ୍ଦ,ନଗେନ ଚନ୍ଦ୍ର ଚାନ୍ଦ, ଦୁର୍ଗା ଚରଣ ଦଳେଇ ପ୍ରାଧ୍ୟାପକ ଗଦାଧର ମିଶ୍ର, ନିତ୍ୟାନନ୍ଦ ଦାସ ଓ ସୁରେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଳ ସିଂ ଙ୍କୁ ସାକ୍ଷାତ ଆଲୋଚନା କରି ଆବଶ୍ୟକୀୟ ଜେଲ ସଂକ୍ରାନ୍ତିୟ କାଗଜପତ୍ର ପ୍ରଦାନ କରିଥିଲେ । ଏହି ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ସିମୁଳିଆ,(ସବ୍ୟ) : ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯୭୮ ମସିହା ମେଟ୍ରିକ ଛାତ୍ରଛାତ୍ରୀଙ୍କର ଦ୍ୱିତୀୟ ବାର୍ଷିକ ବନ୍ଧୁମିଳନ ଉତ୍ସବ ଆବାହକ ହିମାଂଶୁ ଶେଖର ବେହେରାଙ୍କ ରିଆସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନରେ ରାଜକିଶୋର ନାଏକ ଅଧ୍ୟକ୍ଷତା କରିଥିବା ବେଳେ ମୂରଲୀଧର ବେହେରା ମଂଚ ପରିଚାଳନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ନାରାୟଣ ଚନ୍ଦ୍ର ମହାନ୍ତି ଯୋଗଦେଇ ପୁରୁଣା ଦିନର ଶିକ୍ଷକ ଛାତ୍ର ଓ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ପୁରାତନ ଛାତ୍ର ସ୍ୱର୍ଗତ ଗଜେନ୍ଦ୍ର ପୃଷ୍ଟିଙ୍କର ଦେହାନ୍ତ ହୋଇଥିବାରୁ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ପ୍ରବୀର କୁମାର ପାଣିଗ୍ରାହୀ, କୈଳାସ ଚନ୍ଦ୍ର ରାଉତ, ଚନ୍ଦନା ଘଡ଼େଇ, ଭବାନୀ ଘୋଷ, ହିମାଂଶୁ ବେହେରା, ବନମାଳୀ ବିଶ୍ୱାଳ, ନିତ୍ୟାନନ୍ଦ ନାୟକ ଓ ସବିତା ବୋଷ ଉପସ୍ଥିତ ରହି ଛାତ୍ରର ଜୀବନର ସ୍ମୃତିଚାରଣ କରିଥିଲେ । ପୁରାତନ ଛାତ୍ର ମୂରଲୀଧର ବେହେରା ସ୍ୱରଚିତ ବନ୍ଧୁ ମିଳନ କବିତାପାଠ କରିଥିଲେ । ଶେଷରେ ରବିନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା

ସୋର,(ସବ୍ୟ) : ଭତ୍ତା ପାଇଁ ୮୦ରୁ ଅଧିକ ଲୋକ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସୋର ବ୍ଲକ ମାଣିପୁର ପଂଚାୟତରେ ଆଜି ଭତ୍ତା ବଣ୍ଟନ କରାଯିବାର ଥିଲାଛ ମାତ୍ର ୮୦ ରୁ ଉର୍ଦ୍ଧ୍ୱ ଲୋକେ ଭତ୍ତା ଗ୍ରହଣ ନକରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେଛ ସେମାନଙ୍କ ଅଭିଯୋଗ ମୂଳେ ବିଜେପି ସରକାର ନିର୍ବାଚନୀ ଇସ୍ତାହାରରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୩ ହଜାର ଓ ୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ୩ ହଜାର ୫ ଶହ ଟଙ୍କା ଦେବାର ପ୍ରତୁଶୃତି ଦେଇଥିଲେ। ମାତ୍ର ୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ୩ହଜାର ୫ ଶହ ଟଙ୍କା ଭତା ମିଳୁଥିବା ବେଳେ ୬୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ହଜାରେ ଟଙ୍କା ମିଳୁଛି। ଏହାକୁ ବିରୋଧ କରି ମାଣିପୁର ପଞ୍ଚାୟତ ବିଭିନ୍ନ ଗ୍ରାମରୁ ୮୦ରୁ ଉର୍ଦ୍ଧ୍ୱଭତା ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କୁ ୩ ହଜାର ଟଙ୍କା ଭତ୍ତା ନମିଳିବା ଯାଏଁ ଏହି ଧାରଣା ଜାରି ରହିବ ବୋଲି ଧାରଣାରେ ବସିଥିବା ଲୋକେ କହିଥିଲେ।ଏନେଇ ଏକ ଦାବି ପତ୍ର ସରପଞ୍ଚଙ୍କୁ ପ୍ରଦାନ କରାଯାଇଥିଲେ । ପରେ ସରପଞ୍ଚ ସରୋଜ କୁମାର ମହାପାତ୍ର ଲୋକମାନଙ୍କୁ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ଆରଆଇଏଚ୍ଏସ୍‌ର ବାର୍ଷିକ ଉତ୍ସବ




ଭୋଗରାଇ,(ସବ୍ୟ) : ଛାତ୍ରଛାତ୍ରୀମାନେ ଆମଦେଶର ପ୍ରଚଣ୍ଡଶକ୍ତି । ଏହି ପ୍ରଚଣ୍ଡଶକ୍ତିକୁ ସଠିକ ମାର୍ଗରେ ଗଢିତୋଳିବା ନିମନ୍ତେ ସାଧାନ ମନ୍ଦିରରେ ଛାତ୍ରଛାତ୍ରୀମାନେ ଅନୁଭବ ଅନୁଭୁତି ସାଉଣ୍ଟିଲେ ସ୍ୱପ୍ନ ସଫଳ ହୋଇଥାଏ ବୋଲି ବାଲେଶ୍ୱର ଜିଲ୍ଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ୪୬ତମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ସ୍ତମ୍ଭକାର ସତ୍ୟଶିବ ଦାସ, ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ କୁମାର ଗିରି, ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଆଶିଷ କୁମାର ପାତ୍ର, ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ପ୍ରମୁଖ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ପ୍ରଥମେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତଗାନପରେ ଅଧ୍ୟାପକ ଦେବାଶିଷ ପଣ୍ଡା ମଙ୍ଗଳାଚରଣ ପାଠ କରିଥିଲେ । ଅଧ୍ୟାପକ ବ୍ରଜବିହାରି ପତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଧ୍ୟାପକ ଦିଲ୍ଲୀପ କୁମାର ଜେନା ସୂଚନା ଦେଇଥିଲେ । ଏହି ଅବସରରେ କଲେଜର ମେଗାଜିନ୍ ସ୍ୱର୍ଣ୍ଣରେଣୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ବେଳେ କଲେଜର ଶ୍ରୀବୃଦ୍ଧି କରିଥିବା ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନୀତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ରଣଜିତ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଧିରେନ୍ଦ୍ର କୁମାର ଜେନା, ଦୀନକୃଷ୍ଣ ଗିରି, ସୁରତ କୁମାର ଚନ୍ଦ, ଡକ୍ଟର ଅନୁପ କୁମାର ସାମଲ, ଅଧ୍ୟାପିକା ତ୍ରିବେଣୀ ଧାରା, ସୁଚିସ୍ମିତା କରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଦୁଇ ପଥର ବୋଝେଇ ଗାଡ଼ି ଜବତ

ସୋର, (ସବ୍ୟ) : ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ସୁଦର୍ଶନ ପ୍ରଧାନ ଏକ ଟିମ ସହ ସୋର ବାଗୁଡି ରାସ୍ତାରେ ଚଢ଼ାଉ କରିଥିଲେ। ଏହି ସମୟରେ ବାଗୁଡିରୁ ପଥର ବୋଝେଇ କରି ଆସୁଥିବା ଓଆର୦୯ ଜେ ୫୮୦୮ ଓ ଓଡ଼ି ୦୯ ବି ୮୦୨୫ ନମ୍ବର ବିଶିଷ୍ଟ ଦୁଇଟି ପଥର ବୋଝେଇ ଡମ୍ଫରର କାଗଜପତ୍ର ଯାଞ୍ଚ ପରେ ବେଆଇନ ଭାବେ ଚାଲାଣ ହେଉଥିବା ଜାଣିପାରି ଗାଡ଼ିଦୁଇଟିକୁ ଥାନାକୁ ଆଣିବା ସହିତ ଏହାର ଡ୍ରାଇଭରଙ୍କୁ ଅଟକ ରଖିଥିଲେ। ପରେ ଏ ନେଇ ପୁଲିସ ୫୯/୨୫ ରେ ଏକ ମାମଲା ରୁଜୁକରି ଏହାର ଚାଳକ କେଉଁଝର ଜିଲ୍ଲା କାନପୁର ଥାନା ସୋସ ଗ୍ରାମର କ୍ରିଷ୍ଣ ନାୟକ (୩୩) ଓ ସୋର ଥାନା ଉତ୍ତରେଶ୍ୱର ଗ୍ରାମର ସୁରେନ୍ଦ୍ର ନାୟକ(୩୮)ଙ୍କୁ ବ୍ୟକ୍ତିଗତ ମୋଚାଲିକାରେ ଛାଡିଥିବା ଜଣାପଡିଛି।

## ପୁରିପଡା ସରୋଜିନୀ ସ୍କୁଲ ବାର୍ଷିକ ଉତ୍ସବ

ଭଣ୍ଡାରିପୋଖରୀ,(ସବ୍ୟ):ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପୁରିପଡା ସରୋଜିନୀ ଉପ୍ରା ବିଦ୍ୟାଳୟ ବାର୍ଷିକୋତ୍ସବ ଶୁକ୍ରବାର ଶିକ୍ଷାବିତ ଅକ୍ଷୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ଅଧିର କୁମାର ତରାଇ ମୁଖ୍ୟଅତିଥି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା, ସମବାୟବିତ୍ ଜୟନ୍ତ କୁମାର ସାହୁ, ନାରାୟଣ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନବଘନ ସାହୁ, ଯୋଗ ଶିକ୍ଷକ ହରେକୃଷ୍ଣ ପତ୍ରୀ, ଜଗନ୍ନାଥ ଗୃତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକୋତ୍ସବର ଉପଯୋଗୀତା ସମ୍ପର୍କରେ କହିଥିଲେ। ପ୍ରଧାନଶିକ୍ଷୟତ୍ରୀ ପ୍ରତିଭା ମଞ୍ଜରୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସରୋଜିନୀ ନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ କପିଳେନ୍ଦ୍ର ମାଣିକ ଅତିଥି ପରିଚୟ ଓ ଶିକ୍ଷୟତ୍ରୀ ଅନୁସୂୟା ବିଶ୍ୱାଳ ଧନ୍ୟବାଦ ଦେଇଛନ୍ତି।

## ପ୍ରାକ୍ତନ ସରପଞ୍ଚ ଗଂଗାଧର ପତିଙ୍କ ସ୍ମୃତିସଭା

ଆଗରପଡ଼ା,(ସବ୍ୟ):ଗୋପିନାଥପୁର ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ଗଂଗାଧର ପତିଙ୍କ ଏକାଦଶାହରେ ସ୍ମୃତିସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଧାୟକ ସଂଜୀବ ମଲ୍ଲିକ,ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ଜିଲ୍ଲାପରିଷଦ ସଭାପତି ପ୍ରଫୁଲ ଜେନା,ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ,ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ବ୍ଲକ ଯୁବସଭାପତି ସତ୍ୟସାଧନ ବେଜ,ପ୍ରାକ୍ତନ ପିସିସି ସଭାପତି ତଥା ମଂତ୍ରୀ ନିରଞ୍ଜନ ପଟ୍ଟନାୟକ,ସୁବ୍ରତ ଦାସ,ସରପଂଚ ସବିତା ନାୟକ,ବିଜେପି ନେତା ଡ.ସୁଧାଂଶୁ ଶେଖର ନାୟକ,ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଗଂଗାଧରଙ୍କ ସ୍ମୃତିଚାରଣ କରିଥିଲେ। ହାଇକୋର୍ଟ ଆଡ଼ଭୋକେଟ ମନୋଜ ରାୟ ସଭାପତିତ୍ୱ କରିଥିଲେ।

## ବାଲେଶ୍ୱର ରେଳ କ୍ଷେତ୍ରରେ ଉନ୍ନତି ପାଇଁ ଦାବି କଲେ ଚନ୍ଦ୍ରବିନ୍ଦୁ

ନୀଳଗିର,(ସବ୍ୟ) : ପଶ୍ଚିମବଙ୍ଗ ରାଜ୍ୟ ହାୱାଡ଼ା ତାଜ ବେଙ୍ଗଲ ହୋଟେଲରେ ରେଳ ଡିଭିଜନାଲ କମିଟି ବୈଠକ ସାଂସଦ ଶତ୍ରୁଘନ୍ନ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ତରଫରୁ ତାଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ ସେଠାରେ ଉପସ୍ଥିତ ରହି ବାଲେଶ୍ୱରର ରେଳକ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ନୀଳଗିରି ଗୋପିନାଥପୁରରୁ ବାଲେଶ୍ୱର ଯାଉଥିବା ଯାତ୍ରୀବାହୀ ଟ୍ରେନ୍‌କୁ ଭୁବନେଶ୍ୱର, ପୁରୀ, ହାୱାଡ଼ା ପର୍ଯ୍ୟନ୍ତ ଚଳାଚଳ କରାଯିବା ସହ ବଡୁଆ ଠାରେ ଟ୍ରେନ୍ ରହଣୀ, ବାଲେଶ୍ୱର ମୁଖ୍ୟ ଷ୍ଟେସନର ନବୀକରଣ ପାଇଁ ଅନୁଦାନ ୧୯୭କୋଟି ଟଙ୍କା ଉପରେ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଉ । ବସ୍ତା ଓ ରୂପ୍ସାରେ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍, ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଟ୍ରେନର ରହଣୀ, ଖନ୍ତାପଡ଼ାରେ ଲୋଡିଂ ଓ ଅନ୍‌ଲୋଡିଂ ୟାଆଡ଼କୁ ଆର୍ଡଲାଇନ ସମୟରେ ବନ୍ଦ ନକରି ଚାଲୁ ରଖିବା ଉପରେ ଦାବି କରିଥିଲେ । ବାଲେଶ୍ୱର ରେଳ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ ଦାବି ରଖିଥିବାରୁ ବାଲେଶ୍ୱର ବାସୀ ତାଙ୍କର ପ୍ରଶଂସା କରିଛନ୍ତି ।

## ଆଶାମଣୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ସିମୁଳିଆ,(ସବ୍ୟ) : ଆଶାମଣୀ ସରକାରୀ ଉଚ୍ଚ ବିଦ୍ୟାଳୟ କୁଣ୍ଡିଠାରେ ବାର୍ଷିକ କ୍ରିଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତାଭାବେ ବିଆରସିସି ଅଜୟ କୁମାର ପଣ୍ଡା, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ଦାସ, ଶିକ୍ଷକ ରମାକାନ୍ତ ମହାନ୍ତି, ସିଆରସିସି ଚକ୍ରଧର ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଗଜସାଥୀ ଦକ୍ଷତା ବୃଦ୍ଧି ତାଲିମ ଶିବିର



ମୋରଡା,(ସବ୍ୟ) : ମୋରଡା ବ୍ଲକ ଅଧୀନ ଝିଙ୍କିରିଆ କଲ୍ୟାଣ ମଣ୍ଡପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ବାରିପଦା ବନଖଣ୍ଡ ବେତନଟୀ ବନାଞ୍ଚଳ ଦ୍ୱାରା ହସ୍ତୀ ପରିଚାଳନା ଏବଂ ବନାଗ୍ନୀ ନିରାକରଣ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ତାଲିମ ଶିବିରରେ ମାଷ୍ଟର ଟ୍ରେନର ସୁବ୍ରତ କୁମାର ବିଶ୍ୱାଳ ଗଜସାଥୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଗଜସାଥୀ ହେଉଛନ୍ତି ତୃଣ ମୂଳ ସ୍ତରରୁ କିପରି ହସ୍ତୀ ଆସିଲେ ଗାଁ ଲୋକଙ୍କୁ ନିର୍ଭୁଲ ସୂଚନା ଅବଗତ କରାଇ ହସ୍ତୀର ଗତିପଥକୁ ସ୍ୱାଭାବିକ କରିବେ ସାଧାରଣ ଲୋକଟେ ହସ୍ତୀ ଦ୍ୱାରା ଆଘାତ ହେଲେ ପ୍ରଥମେ କାଜୁଆଲଟି ଚିକିତ୍ସା ନିମନ୍ତେ ହସ୍ପିଟାଲ ନେବା,ମନୁଷ୍ୟ ଓ ହାତୀ ମଧ୍ୟରେ ଏକ ସେତୁ ପରି କାର୍ଯ୍ୟ କରିବା,ହାତୀର ଚାଲିଚଳନ, ପ୍ରକୃତି ବାବଦରେ ପ୍ରଶିକ୍ଷଣ ଦେଇଥିଲେ ଶ୍ରୀ ବିଶ୍ୱାଳ ।ସେହିପରି ଜଙ୍ଗଲରେ ନିଆଁ ଲଗାଇଲେ ତିନି ବର୍ଷ ଜେଲ ସହିତ ପଚିଶ ହଜାର ଟଙ୍କା ଜୋରିମାନା ମଧ ଥିବାର ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯାଇଥିଲା । ବେତନଟୀ ବନାଞ୍ଚଳ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଡିଏଫଓ ଏ.ଉମା ମହେଶ, ଭାଜପା ଜିଲା ସଭାପତି କାନ୍ଦ୍ରା ସୋରେନ, ଏସଏଫ ରବି ନାରାୟଣ ମହାନ୍ତି, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ ।।ଶେଷରେ ଗଜସାଥୀ ନିମନ୍ତେ ଆସିଥିବା ନୂତନ ୟୁନିଫର୍ମ, ଟର୍ଚ୍ଚ ଲାଇଟ, ଟୋପି ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବେତନଟି ବନାଞ୍ଚଳ ଅଧିକାରୀ ମନୱାର ଖାଁ, ଫୋରେଷ୍ଟର ଦୀପକ ପାତ୍ର, ଫୋରେଷ୍ଟ ଗାର୍ଡ ବିଜୟ ଦାସ, ପ୍ରିୟଙ୍କା ଦାସ, ସସ୍ମିତା ସେନାପତି, ପ୍ରଭାତୀ ପାତ୍ର ପ୍ରମୁଖ ଅନ୍ୟ ବନବିଭାଗ କର୍ମଚାରୀ ।

# ଆବାସ ଯୋଜନା ଦିଗହରା : ନଥିଲାବାଲାଙ୍କୁ ମିଳୁନି ଘର



ବାହାନଗା,(ସବ୍ୟ) : ନାଁ ଘର ଅଛି ନାଁ ଘର ଉପରେ ଚାଳ । ଚାଳଛପର ଉପରେ ବର୍ଷା ହେଲେ ଘରର ଗୋଟିଏ ପାର୍ଶ୍ୱରେ ବାଉଁଭାଡ଼ାରେ ଜୀବନ ବିତାଇବାକୁ ପଡୁଛି । ଆଉ ଏହି ଭଙ୍ଗାକୁଡ଼ିଆରେ ବିତୁଛି ୫ପ୍ରାଣୀଙ୍କ ଜୀବନ ଫ ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ସାଉଡ଼ ପଞ୍ଚାୟତ ବେଣାପଦା ଗ୍ରାମ ଆଦିବାସୀ ସାହିରେ । ବିଜୟ ସିଂ(୪୦)ଙ୍କ ୫ପ୍ରାଣୀ ପରିବାର ଦୀର୍ଘବର୍ଷ ହେଲା ଦୟନୀୟ ଅବସ୍ଥାରେ ଜୀବନ ବିତାଇ ଆସୁଛନ୍ତି । ବିଜୟ ସିଂଙ୍କ ପତ୍ନୀ ମୃତ୍ୟୁବରଣ କରିବା ପରେ ୩ଝିଅ ଓ ଗୋଟିଏ ପୁଅକୁ ନେଇ ଏହି ପରିବାର ଭଙ୍ଗାକୁଡ଼ିଆରେ ଜୀବନ ବିତାଉଛନ୍ତି । ବିଜୟ ସିଂ ଜଣେ ଦିନ ମଜୁରିଆ ଭାବେ ଟ୍ୟୁବୱେଲ ମିସ୍ତ୍ରୀ କାମ କରନ୍ତି । ଗତ ଦାନା ବାତ୍ୟା ତାଙ୍କ ଦଦରା କୁଡ଼ିଆ ଘରୁ ଚାଳ ଉପର ଉଡ଼ାଇ ନେଇଥିଲା । ମାତୃହୀନ ପିଲାମାନଙ୍କୁ ନେଇ ଭୟଭୀତ ଅବସ୍ଥାରେ ଅନ୍ୟତ୍ର ଯାଇ ଜୀବନ ବଞ୍ଚାଇ ଥିଲେ ବିଜୟ ଓ ତାଙ୍କର ପିଲାମାନେ । ଏବାବଦରେ ବିଜୟ ସିଂ ପ୍ରଶାସନକୁ ଅବଗତ କରାଇ ଥିଲେ ମଧ ଅଦ୍ୟାବଧି ତାଙ୍କୁ କୌଣସି ସରକାରୀ ସୁବିଧା ସୁଯୋଗ ମିଳିପାରି ନାହିଁ । ଶୀତରାତିରେ ଥର ଥର ଅବସ୍ଥାରେ ବିଜୟଙ୍କ ପରିବାର ହାଡ଼ଭଙ୍ଗା ଶୀତରେ ଭଙ୍ଗାକୁଡ଼ିଆରେ ଜୀବନ କାଟୁଛନ୍ତି। କେବଳ ବିଜୟ ସିଂ ନୁହେଁ ଏହି ବସ୍ତିରେ ଆଉ ୬ଟି ପରିବାର ଦୁଃଖରେ କାଳାତିପାତ କରୁଛନ୍ତି । ଓଡ଼ିଶା ସରକାରଙ୍କ ତରଫରୁ ୨୦୧୪ ମସିହାରେ ବିଜୟଙ୍କୁ ଘର ପଟ୍ଟା ଯୋଗାଇ ଦିଆଯାଇଥିବା ବେଳେ ଅଦ୍ୟାବଧି ଆବାସ ଘର ଖଣ୍ଡିଏ ଯୋଗାଇ ଦିଆ ନଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ବାହାନଗା ବ୍ଲକର ୨୪ଗୋଟି ପଞ୍ଚାୟତରେ ୨୦୨୪- ୨୫ ଆର୍ଥିକ ବର୍ଷରେ ୧୦୦୯ଜଣଙ୍କୁ ଆବାସ ଘର ପ୍ରଦାନ କରାଯାଇଥିବା ସରକାରୀ ଭାବେ ଜଣାଯାଏ । ଏପରିସ୍ଥିତିରେ ବିଜୟ ସିଂଙ୍କୁ କିଭଳି ଆବାସ ଘର ନମିଳିଲା ସେ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏଠାରେ ଉଲ୍ଲେଖଯୋଗ୍ୟ ବାହାନଗା ବ୍ଲକରେ ଜଣେ କାର୍ଯ୍ୟରତ ପଞ୍ଚାୟତ ଅଧିକାରିଣୀଙ୍କ ପୁଅ ଭାରତ ସରକାରଙ୍କ ଅଧିନରେ ଥିବା ବେଳେ ତାଙ୍କ ପରିବାରକୁ ହିତାଧିକାରୀଭାବେ ଚୟନ କରାଯାଇ ବ୍ୟାଙ୍କ ଖାତାକୁ ୪୦ହଜାର ଟଙ୍କା ଆସିଥିବା ଜଣାଯାଏ । ଏବାବଦରେ ବାହାନଗା ବ୍ଲକ ଆବାସ ବିଭାଗର ଅଧିକାରିଣୀ ପ୍ରୀତିସ୍ମିତା ଦେଙ୍କୁ ପଚାରିବାରୁ ସେ କହିଥିଲେ ଯେ ଯାହା ପଚାରିବେ ବିଡ଼ିଓଙ୍କୁ ପଚାରନ୍ତୁ । ବାହାନଗା ବିଡ଼ିଓ ନୀଳମାଧବ ସୁନାଙ୍କୁ ପଚାରିବାରୁ ସେ କହିଥିଲେ ଯେ ଘଟଣାର ତଦନ୍ତ କରାଯାଇ ହିତାଧିକାରୀଙ୍କୁ ଆବାସ ଯୋଗାଇ ଦିଆଯିବ । ଏ ପରିସ୍ଥିତିରେ ବିଜୟ ସିଂ ଓ ଅନ୍ୟ ୬ଟି ପରିବାରଙ୍କୁ କେବେ ଆବାସ ଯୋଜନାରେ ଘର ମିଳିବ ଦେଖିବାକୁ ବାକି ରହିଲା ।

